# Akashvani, Sambalpur

# SAMBALPURI NEWS MORNING BULLETIN

## 31 July 2026 - 6.47- 6.52 am.

---

ମହାନଦୀ ଜଲ୍‌ବିବାଦ୍-ବୈଠକ୍ ଆଇ ଆଣ୍ଡ୍ ପି.ଆର୍

କେନ୍ଦ୍ର ଜଲ୍‌ଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍‌ଙ୍କର୍ ଅଧ୍ୟକ୍ଷତାଥି ନୂଆଦିଲ୍ଲୀ ନ ମହାନଦୀ ଜଲ୍‌ବିବାଦ୍‌କେ ନେଇକରି ବୈଠକ୍ ହେଇଛେ । ବୈଠକ୍‌ଥି ଦୁହି ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଓଡ଼ିଶାର୍ ଅଧିକାର୍ ଚାଷୀମାନ୍‌କର୍ କଲ୍ୟାଣ୍ ଆଉ ପରିବେଶ୍ ସୁରକ୍ଷାକେ ପ୍ରାଥମିକତା ଦେବାର୍ ଉପ୍‌ରେ ଜୋର୍ ଦେଇଥିଲେ । ସହଯୋଗ୍ ଆଉ ସଠିକ୍ ତାଲ୍‌ମେଲ୍ ଜରିଏ ସ୍ଥାୟୀ ସମାଧାନ୍ କର୍‌ବାର୍‌କେ ଦୁହି ରାଜ୍ୟ ପ୍ରତିଶ୍ରୁତିବଦ୍ଧ । କେନ୍ଦ୍ରୀୟ ଜଲ୍ କମିଶନ୍ ଅଧ୍ୟକ୍ଷଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କମିଟି ୩ ମାସ୍ ଭିତ୍‌ରେ ତାର୍ ରିପୋର୍ଟ ମହାନଦୀ ଟ୍ରିବ୍ୟୁନାଲ୍‌କେ ଦେବା ବଲି ବୈଠକ୍‌ଥି ନିଷ୍ପତି ହେଇଛେ ।

ବନ୍ୟା ସ୍ଥିତି ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଗଭୀର୍ ଅବପାତ ଇହାଦେ ଉତର୍ ଓଡ଼ିଶା, ଦକ୍ଷିଣ ଝାର୍ଖଣ୍ଡ ଆଉ ପଶ୍ଚିମ ଛତିଶ୍ଗଡ୍ ଦେଇକରି ଯାଉଛେ । ଇତାର୍ ପ୍ରଭାବ୍ଥି ଆଏବା ୩ ଦିନ୍ତକ୍ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍ରେ ୧୮ ଜିଲ୍ଲା ନ ଘଡ଼୍ଘଡ଼ି ସାଙ୍ଗେ ଜବର୍ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଲଗାଏତ୍ ବର୍ଷା ଉତ୍ରୁ ଦେଖାଦେଇଥିବା ବଏଢ୍ ଥିତି ଲାଗି ରାଜ୍ୟର୍ ୧୮ ଟା ଜିଲ୍ଲାର୍ ୯୫ ଟା ବ୍ଲକ୍ର ୪ ଶହ ୭୨ ଟା ପଂଚାୟତ୍ର ୧ ହଜାର୍ ୩ ଶହ ୧ ଟା ଗାଁର୍ ୬ ଲାଖ୍ ଲୋକ୍ ପ୍ରଭାବିତ୍ ହେଇଛନ୍ । ସେନ୍ତା ୧୪ ଟା ସହରାଂଚଲ୍ର ଶହେ ୭୬ ଟା ୱାର୍ଡ୍ ପ୍ରଭାବିତ୍ ହେଇଥିବାର୍ ଆକଲନ୍ନୁ ଜନାପଡ଼ିଛେ । ବଏଢ୍ ଲାଗି ୧୬ ହଜାର୍ ଶହେ ୫୦ ଏକଡ୍ ଚାଷ୍ ଜମି ନୁକ୍ସାନ୍ ହେଇଛେ । ରାଏଜେ ଏବ୍ତକ୍ ୧ ଲାଖ୍ ୭୬ ହଜାର୍ ଲୁକ୍କୁ ଆଶ୍ରୟସ୍ଥଲୀକେ ସ୍ଥାନାନ୍ତର୍ କରାଯାଇଛେ ।

ନଗର୍ ଉନ୍ନୟନ୍ ବିଭାଗ୍-ବନ୍ୟା ଥିତି ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଦେଖାଦେଇଥିବା ବଏଢ୍ ଥିତିକେ ନେଇକରି ନଗର୍ ଉନ୍ନୟନ୍ ବିଭାଗ୍ ତର୍ଫୁ ପଦକ୍ଷେପ୍ ନିଆଯାଇଛେ । ସହରାଂଚଲ୍ର ଲୋକ୍ମାନ୍କୁ ସୁରକ୍ଷା ଦେବାର୍, ବର୍ଷା ପାଏନ୍ ନିଷ୍କାସନ୍ ଆଉ ରିଲିଫ୍ ବ୍ୟବସ୍ଥାକେ ବିଭାଗ୍ ତର୍ଫୁ ପ୍ରାଥମିକତା ଦିଆଯାଇଛେ । ଇଥିର୍ଲାଗି ସବୁ ବିଭାଗୀୟ ଅଧିକାରୀମାନ୍କର୍ ଛୁଟିକେ ବାତିଲ୍ କରାଯାଇଛେ ବଲି ବିଭାଗୀୟ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ବଏଢ୍ ଥିତିକେ ନଜର୍ଥି ରଖିକରି ଭିନ୍ ଭିନ୍ ପଦକ୍ଷେପ୍ ନେବାର୍ ସହେତେ ୨୪ ଘଂଟିଆ ସ୍ଥିତି ଉପ୍ରେ ନଜର୍ ରଖିବାର୍କେ ସେ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସଂଖ୍ୟାଲଘୁ ଓଡ଼ିଆ ଉନ୍ନତି ଆଇ ଆଣ୍ଡ୍ ପି.ଆର୍

ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀ ଲୁକ୍କର୍ ଉନ୍ନତି ଲାଗି ଗଠିତ୍ ବିଧାନ୍ସଭା ଗୃହକମିଟିର୍ ବୈଠକ୍ ଗଲାକାଏଲ୍ ବିଧାନ୍ସଭା ନ ହେଇଯାଇଛେ । ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି

ହେଇଥିବା ବୈଠକ୍‌ଥି ରାଜ୍ୟ ବାହାରେ ବିଚ୍ଛିନ୍ନାଂଚଲ୍ ସୀମ୍‌ନା ଇଲାକା ନ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଆଉ ଐତିହ୍ୟର୍ ବିକାଶ୍ ଉପ୍‌ରେ ଜୋର୍ ଦିଆଯିବା ବଲି ଆଲୋଚନା ହେଇଛେ । ଇ ଇଲାକାମାନ୍‌କେ ବିଦ୍ୟାଲୟର୍ ଭିତିଭୂମିର୍ ଉନ୍ନତି, ଶିକ୍ଷକ୍ ନିଯୁକ୍ତି ଆଉ ପଢ଼ାବହି ଯୁଗାବାର୍ ଉପ୍‌ରେ ଜୋର୍ ଦିଆଯାଇଛେ । ସଢ଼େଇକଲା, ଖର୍‌ସୁଆଁ, ସିଂହଭୂମ, ମେଦିନପୁର ଆଉ ମଞ୍ଜୁସା ବାଗିର୍ ଇଲାକା ନ ଓଡ଼ିଆ ଶିକ୍ଷା ବ୍ୟବସ୍ଥାଥି ସୁଧାର୍ ଆନ୍‌ବାର୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଛେ ।

ଓପିଟିସିଏଲ୍          ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ବିଦ୍ୟୁତ୍ ସଂଚାର୍ ବ୍ୟବସ୍ଥାକେ ଅଏତ୍‌କା ଆଧୁନିକ୍ କର୍‌ବାର୍ ଦିଗେ ଓପିଟିସିଏଲ୍ ଆଉ ଗୁଟେ ପଦକ୍ଷେପ୍ ନେଇଛେ । ଗଲାକାଏଲ୍ ଖାରବେଳ ଭବନ୍ ନ ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍‌ବର୍ଦ୍ଧନ୍ ସିଂହଦେଓ ଓପିଟିସିଏଲ୍‌ର ନୂଆଁ ମର୍ଜର୍ ଆର୍ ୩୦ ଭେନ୍ ମାଉଂଟେଡ୍ କେବଲ୍ ଫଲ୍ଟ ଲୋକେଟର୍ ଆଉ ପରୀକ୍ଷଣ୍ ବ୍ୟବସ୍ଥା ର ଉଦ୍‌ଘାଟନ୍ କରିଛନ୍ । ଇ ଅତ୍ୟାଧୁନିକ୍ ସିଷ୍ଟମ୍‌କେ ୯

କୋଟି ୮ ଲାଖ୍ ଟଙ୍କାଥି ଘିନାଯାଇଛେ । ଭିନ୍ ଭିନ୍ ପ୍ରଯୁକ୍ତିବିଦ୍ୟା ସହେତେ ଭୂତଲ ଉଛା ଭୋଲ୍ଟେଜ୍ କେବୁଲ୍ର ତ୍ରୁଟିକେ ଜଲ୍ଦି ଆଉ ସଠିକ୍ ଭାବେ ଚିହ୍ନଟ୍ କରାଯାଇପାର୍ବା । ଯେନ୍ଥିର୍ଲାଗି ବିଦ୍ୟୁତ୍ ବିଛିନ୍ନତା କମ୍ବା ଆଉ ବିଦ୍ୟୁତ୍ ସରବରାହ ଅଏତ୍କା ବର୍କସ୍ ହେଇପାର୍ବା ।

ପ୍ରାଣୀଚିକିତ୍ସା,ପ୍ରାଣୀପାଲନ୍ମହାବିଦ୍ୟାଳୟ/ଆର୍ଏନ୍ୟୁ ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲା ଖୋବ୍ ଜଲ୍ଦି ପ୍ରାଣୀ ଚିକିତ୍ସା ଆଉ ପ୍ରାଣୀପାଲନ୍ ମହାବିଦ୍ୟାଳୟ ନ ପାଠ୍ପଢ଼ା ମୁଲ୍ ହେବା । ଆଏବା ସେପ୍ଟେମ୍ବର୍ ମାସୁ ଗୋଶାଲା ପାଶେ ଥିବା ଗୁଟେ ସର୍କାରୀ ଛାତ୍ରାବାସ୍ର ଅସ୍ଥାୟୀ କୋଠା ନ ପାଠ୍ପଢ଼ା ମୁଲ୍ ହେବା । ଓୟୁଏଟି ତର୍ଫୁ ଶିକ୍ଷକ୍ ନିଯୁକ୍ତି ହେବାର୍କେ ଥିବାର୍ ବେଲେ ଜିଲ୍ଲା ପ୍ରଶାସନ୍ ତର୍ଫୁ ବାକି ପ୍ରସ୍ତୁତି ମୁଲ୍ ହେଇଛେ । ସମ୍ବଲ୍ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଚିପିଲିମା ନ ପୁହୁଁଚିକରି ସ୍ଥିତିର୍ ଅନୁଧାନ୍ କରିଛନ୍ ।

ରେଲ୍‌ମନ୍ତ୍ରୀ-ବର୍‌ଗଡ଼୍ ସାଂସଦ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ଲୋକ୍‌ସଭା କ୍ଷେତ୍ର ଅଧୀନ୍‌ଥି ଥିବା ବର୍‌ଗଡ଼୍ ଆଉ ଝାର୍‌ସୁଗୁଡ଼ା ଜିଲ୍ଲା ନ ରେଲ୍‌ସେବାର୍ ବିକାଶ୍, ଯାତ୍ରୀସେବା ବଢ଼ାବାର୍ ଆଉ ନୂଆଁ ଟ୍ରେନ୍ ସେବା ଚାଲୁ କର୍‌ବାର୍ ବାବ୍‌ଦେ ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ କେନ୍ଦ୍ର ରେଲ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍‌ଙ୍କୁ ଭେଟିଛନ୍ । ବ୍ରଜରାଜ୍‌ନଗର୍‌କେ ପଶ୍ଚିମ୍ ଓଡ଼ିଶାର୍ ପ୍ରମୁଖ୍ ଶିଳ୍ପକେନ୍ଦ୍ର ଭାବେ ଉଲ୍ଲେଖ୍ କରିକରି ସେଠାନେ ଉନ୍ନତ୍ ଧରଣ୍‌ର ରେଲ୍‌ସେବା ଆଉ ଯାତ୍ରୀ ସେବା ଦେବାର୍‌କେ ସେ ଅନୁରୋଧ୍ କରିଛନ୍ । ଇତାର୍‌ସହେତେ ବର୍‌ଗଡ଼୍ , ନୂଆପଡ଼ା ରେଲ୍ ପ୍ରକଳ୍ପ କାମ୍‌କେ ଭିଲ୍ ତୁର୍‌ତି କର୍‌ବାର୍ ଲାଗି କେନ୍ଦ୍ରମନ୍ତ୍ରୀଙ୍କୁ ସାଂସଦ୍ ଶ୍ରୀ ପୁରୋହିତ୍ ଅନୁରୋଧ୍ କରିଛନ୍ ।

ଜମି ପଟ୍ଟା ବଂଟନ୍        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ତହସିଲ୍ କାର୍ଯ୍ୟାଳୟ ନ ଓଡ଼ିଶା ସର୍ଭେ ଆଉ ସେଟଲ୍‌ମେଂଟ୍ ନିୟମ୍ ୧୯୬୨ ର ସଂଶୋଧନ୍ ଅନ୍‌ସାରେ ପ୍ରି-

ସେଟଲ୍‌ମେଂଟ୍ ଦଲିଲ୍ ଅଧୀନ୍‌ଥି ଭିନ୍ ଭିନ୍ ମାମ୍‌ଲାର୍ ଶୁଣାଣି କରାଯାଇକରି ୩୦ ଝନ୍ ଆବେଦନ୍‌କାରୀଙ୍କୁ ଜମି ପଟ୍ଟା ଦିଆଯାଇଛେ । ବାକି ମାମ୍‌ଲାର୍ ତୁର୍‌ତି ଫଇସଲା ଲାଗି ତହସିଲ୍ କାର୍ଯ୍ୟାଳୟ ନ ଜରୁରୀ ପଦକ୍ଷେପ୍ ନିଆଯାଉଛେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋ ଠାନେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାଥି ଭାରତ୍‌କେ ଗଲାକାଏଲ୍ ୩ ଟା ପଦକ୍ ମିଲିଛେ । ପୁରୁଷ ଶହେ ମିଟର୍ ବର୍ଗଥି ଦିଲ୍ଲୀପ୍ ଗଭିତ ସ୍ୱର୍ଣ୍ଣପଦକ୍ ଜିତିଥିବାର୍ ବେଲେ ମହମ୍ମଦ୍ ବସିଲ୍‌ଙ୍କୁ ରୌପ୍ୟ ପଦକ୍ ମିଲିଛେ । ସେଆଡ଼େ ପୁରୁଷ ଲଙ୍ଗ୍‌ଜମ୍ପ୍‌ଥି ମୁରଲୀ ଶ୍ରୀଶଙ୍କର୍‌ଙ୍କୁ ରୌପ୍ୟ ପଦକ୍ ମିଲିଛେ । ଗଲା ୭ ଦିନ୍ ଭିତ୍‌ରେ ଭାରତ୍‌ର ପଦକ୍ ସଂଖ୍ୟା ୧୫ କେ ପୁହୁଁଚିଛେ । ଯେନ୍‌ଥି ୩ ଟା ସ୍ୱର୍ଣ୍ଣ, ୯ ଟା ରୌପ୍ୟ ଆଉ ୩ ଟା କାଂସ୍ୟ ପଦକ୍ ସାମିଲ୍ ରହିଛେ ।